## ସାଇକେଲରୁ ଖସି ପଡି ଯୁବକ ମୃତ

ଦେଓଗାଁ,୨୨।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ବଜାର ରାସ୍ତାରେ ବୁଧବାର ପୂର୍ବାହ୍ନରେ ଜନୈକ ଯୁବକ ସାଇକେଲରେ ଯାଉଥିବା ବେଳେ ଖସି ପଡିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗୌରଗୋଠ ଗାଁର ଟଙ୍କଧର ବଡ଼ିଆ(୪୦)। ତୁଷୁରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବର୍ଷା ଅଭାବରୁ ଚାଷ କାମ ବନ୍ଦ



ବର୍ଷା ଅଭାବରୁ ବିଲରେ ପାଣି ଦେଇ ରୁଆ କରାଯାଉଛି।

ବଡଗାଁ, ୨୨।୭ (ଡି.ଏନ.ଏ.)

■ ମେଗା ପ୍ରୋଜେକ୍ଟ କାମରେ ଆସୁନାହିଁ
■ କମି ପାରେ ଏବର୍ଷର ଅମଳ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଧାନ ଚାଷ କାମ ଆଗେଇ ପାରୁନାହିଁ। ଜୁନରେ ଅସରାଏ ବର୍ଷା ହେଲାପରେ ତା'ପରେ ଆଉ ଭଲ ବର୍ଷା ହୋଇନାହିଁ। କେବେ କେମିତି ଝିପି ଝିପି ବର୍ଷା ହେଉଛି। ଯାହା ଧାନ ତଳିକୁ କେବଳ ବଞ୍ଚାଇ ରଖିଛି। ଧାନ ତଳି ପକାଇବାର ୨୧ରୁ ୨୩ ଦିନ ମଧ୍ୟରେ ରୁଆ ହେବା କଥା, କିନ୍ତୁ ୩୫ ରୁ ୪୦ ଦିନ ହେଲା ରୁଆ ପାଇଁ ଆବଶ୍ୟକ ବର୍ଷା ଅଭାବରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। କୂଅ, ପୋଖରୀ ଆଦି ଜଳାଶୟରୁ ପାଣି ଉଠାଇ କେତେଜଣ ଚାଷୀ ରୁଆ କାମ କରୁଛନ୍ତି। ତଳିରୁଆ ସମୟ ଗଡିଯାଇଥିବାରୁ ଅମଳ କମିବାର ସମ୍ଭାବନା ରହିଛି।

ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ଲ୍ୟାମ୍ପ୍ସରୁ ଚାଷୀମାନେ ନେଇଥିବା ସ୍ୱର୍ଣ୍ଣ, ସୌଭାଗୀ, ପ୍ରତୀକ୍ଷା ଆଦି ଧାନ ମଞ୍ଜି ୪୦ ରୁ ୫୦ ପ୍ରତିଶତ ଗଜା ହେଉଛି। ଫଳରେ ଚାଷୀମାନେ ଆରମ୍ଭରୁ କ୍ଷତିରେ ପଡିଛନ୍ତି। ଅନ୍ୟପକ୍ଷେ ଖରିଫ ଧାନ ଚାଷକୁ ରକ୍ଷା କରିବା ପାଇଁ ସଫେଇ ନଦୀରେ ନିର୍ମିତ ପାର୍ବତୀଗିରି ମେଗା ଉଠାଜଳସେଚନ ପ୍ରକଳ୍ପ କାମରେ ଆସୁନାହିଁ। ଗତବର୍ଷଠାରୁ ଚାଷୀଙ୍କ ବିଲକୁ ପାଣି ଆସିବା କଥା, କିନ୍ତୁ ଚଳିତ ବର୍ଷ ମଧ୍ୟ ପ୍ରକଳ୍ପ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ କୃଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଭୋଇପାଲି ଗ୍ରାମର ଜୟ ଯବାନ ଜୟ କିଷାନ କୃଷକ ସଙ୍ଗଠନର ସଭାପତି ରବୀନ୍ଦ୍ର ପଟେଲ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ସମିତି ସଭ୍ୟ ଶିଶିର ରାଉତରାୟ, ସରପଞ୍ଚ ମନ୍ଦାକିନୀ ବରିହା ପ୍ରମୁଖ ବଡଗାଁ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଚଳିତ ବର୍ଷ ଧାନ ଚାଷ ସଂକ୍ରାନ୍ତରେ ମଟାମରା ଗ୍ରାମର ଜତିନ୍ଦ୍ର ମାଝି, ବରପାଲି ଗାଁର ଅଜୟ ବିଶି, ଜଗନ୍ନାଥ ବିଶି, ପାମରା ଗ୍ରାମର ସୁନ୍ଦର ରାଉତ, ଦଶରଥ ବାରିକ ପ୍ରମୁଖଙ୍କୁ ପଚାରିବାରୁ ତଳି ରୁଆରେ ବିଳମ୍ବ ଯୋଗୁ ଧାନ ଅମଳ କମିବ ଓ କିଛି ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ଚାଷୀ ବିଲରୁ ମୁହଁ ଫେରାଇ ନେଇ ବିଲରେ ବଳଦ ଛାଡିଦେବେ ବୋଲି କହିଛନ୍ତି।

## ଚାଷଜମି ଫାଟି ଆଁ କଲାଣି

କର୍ଲାମୁଣ୍ଡା, ୨୨।୭ (ଡି.ଏନ.ଏ.): ଆଷାଢ଼ ଯାଇ ଶ୍ରାବଣ ହେଲା। ହେଲାନି ଚାଷ ଉପଯୋଗୀ ବର୍ଷା। ଏଥିଯୋଗୁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଖରିଫ ଧାନଚାଷ କାମ ଆଗେଇ ପାରୁନାହିଁ। ବ୍ଲକ କୃଷି ବିଭାଗଠାରୁ ମିଳିଥିବା ତଥ୍ୟ ମୁତାବକ ଏହି ବ୍ଲକରେ ମୋଟ ୧୪ ହଜାର ୮୩୦ ହେକ୍ଟର ଚାଷଜମି ରହିଛି। ଏଥିମଧ୍ୟରୁ ୮ ହଜାର ୭ ଶହ ୮୦ ହେକ୍ଟର ଧାନଚାଷ ଓ ୬ ହଜାର ୫୦ ହେକ୍ଟର ଜମିରେ କପା, ଚିନାବାଦାମ, ମୁଗ, ହରଡ, ମକା, ମାଣ୍ଡିଆ ପ୍ରଭୃତି ଚାଷ ହୋଇଛି। ତେବେ ବର୍ଷା ଠିକ୍ ସମୟରେ ହେଉ ନ ଥିବାରୁ ଚାଷ କାମ ପଛେଇ ଯାଇଥିବା କହିଛନ୍ତି ସିଲେଟପଡାର ଚାଷୀ ଜଳନ୍ଧର ଭୋଇ। ଅନ୍ୟପକ୍ଷେ ପାଣିପାଗ ରିପୋର୍ଟ ଅନୁଯାୟୀ ଗତ ଜୁନମାସରେ ୨୪୦ମିମି ଓ ଜୁଲାଇ ମାସରେ ୧୧୭.୪୦ ମିମି ବର୍ଷା ହୋଇଛି। ଫଳରେ ଚାଷ ପାଇଁ ଜୁଲାଇ ଶେଷ ସପ୍ତାହରେ ଆବଶ୍ୟକ କରୁଥିବା ବର୍ଷା ନ ହେବା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ବିଶେଷ ଭାବେ ଏହି ବ୍ଲକର ସ.ମାଲପଡା, ଯୋରାଡବ୍ରା, ରେଗଡା ସାପଲହରା, ରିଞ୍ଜା, କର୍ଲାମୁଣ୍ଡା, ଗଜବାହାଲ, ପୌରକେଲା, ତେରେସିଂହା, ରିଷିଡା ପଞ୍ଚାୟତର ଅଧିକାଂଶ ଗାଁରେ ଚାଷୀ ହାତବାନ୍ଧି ବସିଥିବା ଦେଖିବାକୁ ମିଳିଛି। ଉତେଇ ଜଳସେଚନ ପ୍ରକଳ୍ପରେ କମ୍ ପାଣି ଥିବାରୁ କେନାଲଗୁଡିକରେ ଆବଶ୍ୟକ ମୁତାବକ ପାଣି ଆସିପାରୁ ନାହିଁ। ଏ ନେଇ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଅମିୟ ସାମଲଙ୍କୁ ପଚାରିବାରୁ ନଦୀରେ ପାଣି ନ ଥିବାରୁ ଚାଷୀଙ୍କ ଆବଶ୍ୟକ ମୁତାବକ ପାଣି କେନାଲରେ ଛଡାଯାଇ ପାରୁନାହିଁ। ଏବେ ଠୁ ବର୍ଷା ଜଳ ଅମଳ ଓ ତାହାର ସଂରକ୍ଷଣ ଦିଗରେ ବ୍ଲକ ପ୍ରଶାସନ ଯୋଜନାମାନ ପ୍ରସ୍ତୁତ କରିପାରିଲେ ମରୁଡିର ମୁକାବିଲା କରାଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ପାଣି ନ ଥିବାରୁ ଚାଷ ଜମି ଫାଟି ଆଁ କରିଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସଇଁତଲା, ୨୨।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନା ହେଲିପ୍ୟାଡ଼ ନିକଟରେ ଥିବା ଏକ ଗଛରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତଦେହ ପାଖରେ ଏକ ସାଇକେଲ ରହିଛି। ବଡ଼ମାଳ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ କୁନୁ ସାହୁ କହିଛନ୍ତି। ମୃତକଙ୍କ ପରିଚୟ ମିଳିପାରିନାହିଁ।

### ଝାରସୁଗୁଡ଼ା: ଗୋଟିଏ ଦିନରେ ୩୪ ପଜିଟିଭ୍

ଝାରସୁଗୁଡ଼ା ଅଫିସ,୨୨।୭: ବୁଧବାର ଝାରସୁଗୁଡ଼ା ଜିଲାରେ ୩୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬୦ରେ ପହଞ୍ଚିଛି। ବୁଧବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୨୩ ଜଣ ରଘୁନାଥପାଲି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି), ୬ ଜଣ ବ୍ରଜରାଜନଗର ପୌରାଞ୍ଚଳ, ୩ ଜଣ ଲଖନପୁର ବ୍ଲକ ଓ ୨ ଜଣ ଲଇକେରା ବ୍ଲକରୁ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ଜିଲା ପ୍ରଶାସନ କୋଲାବିରା ବ୍ଲକର ରଘୁନାଥପାଲି ପଞ୍ଚାୟତକୁ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏନେଇ ଜିଲାପାଳ ଟ୍ୱିଟ କରି ସୂଚନା ଦେଇଛନ୍ତି। ସେହିପରି ଲଇକେରା ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚ ସୁଶିଲ କିଶାନ ୩ ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଆଜି ସୁଦ୍ଧା ଜିଲାରେ ଚିହ୍ନଟ ହୋଇଥିବା ୨୬୦ ଜଣଙ୍କ ମଧ୍ୟରୁ ୧୮୨ ଜଣ ସୁସ୍ଥ ହୋଇଥିବା ବେଳେ ୭୮ ଜଣ ଚିକିତ୍ସିତ ହେଉଛନ୍ତି।

## ଅବ୍ୟବସ୍ଥାରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର

ଲାଠୋର,୨୨।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଡାକ୍ତରଖାନା କୋଠା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏଥିଯୋଗୁ ଡାକ୍ତରଙ୍କ ଲାଗି ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ଡାକ୍ତରଖାନା ଚାଲିଛି। ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଏମ୍‌ବିବିଏସ୍ ଡାକ୍ତର ପଦ ଖାଲି ପଡିଛି। ଗ୍ରାମବାସୀ ବାରମ୍ବାର ଡାକ୍ତର ପଦ ପୂରଣ ଲାଗି ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଲୋକେ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘଦିନ ହେବ ରୋଗୀ କଲ୍ୟାଣ ସମିତିର ବୈଠକ ବସିନାହିଁ। ଅପରପକ୍ଷରେ କାର୍ଯ୍ୟରତ କର୍ମଚାରୀ ସେମାନଙ୍କ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଲାଠୋର ଡେଭଲପମେଣ୍ଟ ଆସୋସିଏସନ ଡାକ୍ତରଖାନା ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସବୁ ସମସ୍ୟାର ଦୂରୀକରଣ ନିମନ୍ତେ ରାଜ୍ୟ ସରକାର ଏବଂ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ସଂଗଠନ ନିଷ୍ପତ୍ତି ନେଇଛି। ଆୟୁଷ ଡାକ୍ତର ରାଜ୍ୟଶ୍ରୀ ସାହୁ ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି।

## ମାହାରପାଲିରେ ଫାଣ୍ଡି ସ୍ଥାପନ ଦାବି କଲେ ବିଧାୟକ

ଲୋଇସିଂହା, ୨୨।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ମାହାରପାଲିରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ। ଏ ନେଇ ସେ ଏକ ଚିଠି ପୋଲିସ ମହାନିର୍ଦ୍ଦେଶକଙ୍କୁ ଲେଖିଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ଓ ବରଗଡ ଜିଲା ଗାଇସିଲାଟ ବ୍ଲକ ସୀମାନ୍ତରେ ରହିଛି ମାହାରପାଲି। ଏଠାରେ ଏକ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୦ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଉଭୟ ଜିଲାର ସୀମାନ୍ତରେ ଥିବାରୁ ଉକ୍ତଛକରେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏଠାରେ ରବିବାର ସାପ୍ତାହିକ ହାଟ ବସିଥାଏ। ବଲାଙ୍ଗୀର ସଦର ଥାନା ୨୭ କିମି ଓ ମାଗୁରବେଡା ଫାଣ୍ଡି ୨୦କିମି ଦୂର ହୋଇଥିବାରୁ ପୋଲିସ ସେବା ଅପହଞ୍ଚ ହୋଇପଡିଛି। ମାହାରପାଲିଠାରେ ଫାଣ୍ଡିର ନିତ୍ୟାନ୍ତ ଆବଶ୍ୟକତା ରହିଥିବା ପୋଲିସ ମହାନିର୍ଦ୍ଦେଶକଙ୍କୁ ଦେଇଥିବା ଚିଠିରେ ବିଧାୟକ ମହାଲିଙ୍ଗ ଉଲ୍ଲେଖ କରିଛନ୍ତି।

# ପ୍ରଶସ୍ତ ରାସ୍ତା ପାଇଁ ଜବରଦଖଲ ଉଚ୍ଛେଦ

ବଲାଙ୍ଗୀର ଅଫିସ, ୨୨।୭



ପ୍ରତାପସାଗରପଡାରେ ମ୍ୟୁନିସିପାଲିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଉଛି।

ବଲାଙ୍ଗୀର ସହର ପ୍ରତାପସାଗରପଡାରେ ବୁଧବାର ବଡଧରଣର ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ରାସ୍ତାକଡ ସରକାରୀ ଜମିରେ ଥିବା ଘର ଓ ପାଚେରିକୁ ପ୍ରଶାସନ ପକ୍ଷରୁ ଜେସିବି ମେଶିନ୍ ଜରିଆରେ ଭଙ୍ଗାଯାଇଛି। ମ୍ୟୁନିସିପାଲିଟି ଟିମ୍ ରୁଗୁଡିପଡା ଭାଗୀରଥି ଛକ-ସର୍କିଟହାଉସ ରାସ୍ତାରୁ ପ୍ରତାପସାଗରପଡା ଯାଇଥିବା ରାସ୍ତାକଡରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲେ। କିଛିଦିନ ପୂର୍ବରୁ ମ୍ୟୁନିସିପାଲିଟି ଓ ତହସିଲ ଅଫିସ ତରଫରୁ ଏହି ରାସ୍ତାର ଡିମାରକେଶନ୍ କରାଯାଇଥିଲା। କେତେକ ସ୍ଥାନରେ ଲୋକେ ରାସ୍ତାକଡ ସରକାରୀ ଜମି ଉପରେ ଦୋକାନ, ଷ୍ଟଲ, ଘର ଓ ପାଚେରି କରିଥିଲେ। ବୁଧବାର ସନ୍ଧ୍ୟା ସୁଦ୍ଧା ଟିକ୍ରପଡା ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ଅଭିଯାନ ଆଗକୁ ମଧ୍ୟ କରାଯିବ। ଶିଶୁଉଦ୍ୟାନ ପଛପଟ ଗେଟ୍‌ର ୨୬ ନମ୍ବର ଜାତୀୟ ରାଜପଥରୁ ରୁଗୁଡିପଡା, ପ୍ରତାପସାଗରପଡା, ଟିକ୍ରାପଡା, ମାଲପଡା ଦେଇ ମଦନଗୁଡିଆ ବଗିଚା ନିକଟ ରେଲୱେ ରିଂ ରୋଡକୁ ଛୁଉଁଥିବା ରାସ୍ତାକୁ ପ୍ରଶସ୍ତ କରାଯିବା ସହ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରାଯିବା ଲକ୍ଷ୍ୟ ରଖାଯାଇଛି। ସହରରେ ଟ୍ରାଫିକ୍ ଭିଡ଼ କମାଇବା, ବିଭିନ୍ନ ସମୟରେ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରାଯିବା ଓ ମୁଖ୍ୟ ରାସ୍ତାରୁ ଭିଡ ଅପସାରଣ କରାଯିବ ଲକ୍ଷ୍ୟ ରଖି ସହରର ବିଭିନ୍ନ ରାସ୍ତାକୁ ପ୍ରଶସ୍ତ ଓ ଉନ୍ନତ କରାଯିବା ଲକ୍ଷ୍ୟ ରଖାଯାଇଛି। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ ତଦାରଖ କରିଥିଲେ। ପ୍ରତାପସାଗରପଡା ପରେ ଅନ୍ୟ ପଡାରେ ଉଚ୍ଛେଦ କରାଯିବ। ଏହି ରାସ୍ତାକୁ ପ୍ରଶସ୍ତ କରାଯିବା ସହ ରାସ୍ତାକଡରେ ଡ୍ରେନ୍ ନିର୍ମାଣ କରାଯିବ।

# ତଦନ୍ତରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ସାମିଲ କରାଗଲାନି

ଝାରସୁଗୁଡ଼ା ଅଫିସ,୨୨।୭

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଘଟଣା

■ ତଦନ୍ତ ରିପୋର୍ଟ ଦେଲା ଜିଲା ସ୍ୱାସ୍ଥ୍ୟ ବିଭାଗ
■ ମୁହଁ ଖୋଲୁ ନାହାନ୍ତି କୌଣସି ଅଧିକାରୀ

ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୧୫ ତାରିଖରେ ଜଣେ ରୋଗୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ମୃତକଙ୍କ ସମ୍ପର୍କୀୟ ଟୁଇଟ୍ କରି ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଅବଗତ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ତଦନ୍ତ ରିପୋର୍ଟ ବିଭାଗକୁ ପ୍ରଦାନ କରାଯାଇଛି। ହେଲେ ତଦନ୍ତ ପ୍ରକ୍ରିୟା ଏକତରଫାଭାବେ ହୋଇଛି। କେବଳ ଡାକ୍ତରଖାନାର ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି। ମୃତକଙ୍କ ପରିବାର କିମ୍ବା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରାଯାଇନାହିଁ। ସ୍ୱାସ୍ଥ୍ୟ ଅଧିକାରୀ ନିଜକୁ ସୁହାଇଲା ଭଳି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ବୋଲି ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେମାନେ ସହଯୋଗ କରି ନ ଥିଲେ।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଫରହାତ ଜାହାନ(୨୮) ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେବାରୁ ତାଙ୍କୁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ତୁରନ୍ତ ଅକ୍ସିଜେନ୍ ଲଗାଇବାକୁ ଅନୁରୋଧ କରିଥିଲେ। ହେଲେ ସମ୍ପୃକ୍ତ ଡାକ୍ତର କଥା ଶୁଣି ନ ଥିଲେ। ରୋଗୀଙ୍କ ଅବସ୍ଥା ଗୁରୁତର ହେବାରୁ ସମ୍ପର୍କୀୟମାନେ ଆମ୍ବୁଲାନ୍ସରେ ୮ କିମି ଦୂର ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଉଥିଲେ। ବାଟରେ ଫରହତଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା ଯୋଗୁ ଏପରି ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଫରହତଙ୍କ ସମ୍ପର୍କୀୟ ଟ୍ୱିଟ କରିବା ସହିତ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ।

# ଭିନ୍ନକ୍ଷମ ଭଉଣୀଭାଇଙ୍କ ଚିନ୍ତାରେ ଘନଶ୍ୟାମ



ଭିନ୍ନକ୍ଷମ ଭଉଣୀଭାଇ ବାଙ୍ଗରୀ ଓ ଗଣେଶ।

■ ଚିକିତ୍ସା ପାଇଁ ଅର୍ଥ ନାହିଁ
■ ଏ ଯାଏ ମିଳିନି ଭିନ୍ନକ୍ଷମ ପ୍ରମାଣପତ୍ର
■ ମାସିକ ୩୫କେଜି ଚାଉଳ ଭରସା

ବିନିକା,୨୨।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର କୁନକୁନିପଡାର ଆଦିବାସୀ ଯୁବକ ଘନଶ୍ୟାମ ବାଘ (୩୫)। ପରିବାରରେ ସ୍ତ୍ରୀ, ଦୁଇ ପିଲା, ମା' ଓ ଭିନ୍ନକ୍ଷମ ଦୁଇ ଭଉଣୀଭାଇ। ଏମାନଙ୍କ ଦାୟିତ୍ୱ ତାଙ୍କ ଉପରେ। ହେଲେ ୬ ପ୍ରାଣୀ କୁଟୁମ୍ବଙ୍କୁ ପୋଷିବା ପାଇଁ ତାଙ୍କର ସମ୍ବଳ ବୋଲି କିଛି ନାହିଁ। ମୂଲ ଲାଗି ଯାହା ଆଣନ୍ତି ସେଥିରେ ଦୁଇଓଳି ପେଟପୂରା ଖାଇବା କଷ୍ଟକର। ଏପଟେ ମାନସିକ ଭିନ୍ନକ୍ଷମ ସାନଭାଇ ଗଣେଶ (୨୫) ଓ ଭଉଣୀ ବାଙ୍ଗରୀ (୨୯)ଙ୍କ ଚିକିତ୍ସା ଖର୍ଚ୍ଚ ଆଣିବେ କେଉଁଠୁ ସେହି ଚିନ୍ତା ତାଙ୍କୁ ଘାରିଛି। ଏହି ୨ ଭଉଣୀ ଭାଇ ଜନ୍ମରୁ ଏପରି ନ ଥିଲେ। ବୟସ ବଢିବା ସଙ୍ଗେ ସଙ୍ଗେ ଯେତେବେଳେ ସ୍ୱାଭାବିକ ଚାଲିଚଳନରେ ବ୍ୟତିକ୍ରମ ଦେଖାଦେଲା। ହେଲେ ସେମାନଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଲା ବାଧକ। ଉପଯୁକ୍ତ ଚିକିତ୍ସା ହୋଇଥିଲେ ଉଭୟେ ଭଲ ହୋଇ ପାରିଥାନ୍ତେ ବୋଲି ବଡ ଭାଇ ଘନଶ୍ୟାମ କୁହନ୍ତି।

ଘନଶ୍ୟାମଙ୍କ ବାପା ଉଜ୍ଜ୍ୱଳ ବାଘ ୧୨ବର୍ଷ ହେଲା ଆରପାରିକୁ ଚାଲି ଗଲେଣି। ସେ ନିଜ ଜୀବନ କାଳରେ ପୈତୃକ ସମ୍ପତ୍ତି ଥିବା ୨ ଏକର ଜମିକୁ ବନ୍ଧକ ପକାଇଥିଲେ। ଅର୍ଥାଭାବରୁ ବନ୍ଧକ ପଡିଥିବା ଜମିକୁ ଏହି ପରିବାର ଆଜିଯାଏ ମୁକୁଳାଇ ପାରିନାହାନ୍ତି। ବର୍ତ୍ତମାନ ସମ୍ପତ୍ତି କହିଲେ କେବଳ ଚାଳଘର ଦୁଇ ବଖରା। ଏମିତି ପରିସ୍ଥିତିରେ ସାନଭାଇ ଗଣେଶ ମାନସିକ ରୋଗରେ ପୀଡିତ ହେବା ପରିବାରର ଦୁଃଖକୁ ଦ୍ୱିଗୁଣିତ କରି ଦେଇଛି। ସେପଟେ ଭଉଣୀ ବାଙ୍ଗରୀ ଶାରୀରିକ ଭିନ୍ନକ୍ଷମ ହୋଇଥିବାରୁ କୌଣସି କାମ କରିବାକୁ ସକ୍ଷମ ନୁହନ୍ତି। ମା'ଶଶୀଦେଈଙ୍କ ବୟସ ମଧ୍ୟ ୬୦ ଟପିଲାଣି। ଦୁର୍ଦ୍ଦଶାରେ ଦିନ କାଟୁଥିବା ଏହି ପରିବାର ନିକଟରେ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେଜି ଚାଉଳ ମିଳୁଥିବା ବେଳେ ବୃଦ୍ଧା ଶଶୀଦେଈଙ୍କୁ ମାସିକ ୫ ଶହଟଙ୍କା ଭତ୍ତା ମିଳୁଛି। ଏଯାଏ ଭିନ୍ନକ୍ଷମ ଭଉଣୀଭାଇଙ୍କୁ ବିକଳାଙ୍ଗ ପ୍ରମାଣପତ୍ର ମିଳିନାହିଁ। ଅପରପକ୍ଷରେ ଏମାନଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବାକୁ ଘନଶ୍ୟାମ ପ୍ରଶାସନ ନିକଟରେ ଦାବି କରିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୨ ବଖରା ଜଳିଗଲା

ବୌଦ୍ଧ,୨୨।୭(ସ୍ୱ.ପ୍ର.)–ବୌଦ୍ଧ ବ୍ଲକ ଅନ୍ତର୍ଗତ ଶରଧାପୁର ଗ୍ରାମର ଅଲେଖ କଲତାଙ୍କ ଘରେ ଅଗ୍ନିକାଣ୍ଡ ଘଟି ବୁଧବାର ୨ ବଖରା ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ୍ ଶଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଛି । ବୌଦ୍ଧରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ର ଜଳସ୍ତର ୬୦୩.୨୧ ଫୁଟ

ସମ୍ବଲପୁର, ୨୨।୭ (ବ୍ୟୁରୋ)- ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ବୁଧବାର ୬୦୩.୨୧ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧକୁ ୪୪ ହଜାର ୨୨୮ କ୍ୟୁସେକ ଜଳ ପ୍ରବେଶ କରୁଛି । ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୧୭ ହଜାର ୯୭୧ କ୍ୟୁସେକ ଜଳ ନିଷ୍କାସନ ହେଉଛି । ମିଳିଥିବା ରିପୋର୍ଟ ଅନୁସାରେ ବେଲଗାଁ ୯ହଜାର ୨୦୦, ପଥର୍ଲାରେ ୨୬ ହଜାର ୭୫୦, ଖଇରମାଳରେ ୭୦ ହଜାର, ବରମୁଳାରେ ୭୦ ହଜାର, ମୁଣ୍ଡଳିରେ ୬୭ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି ।

### ଦୁଇ ସାପ୍ତାହିକ ହାଟ ଅଗଷ୍ଟ ୧୫ ଯାଏ ବନ୍ଦ

କର୍ଲାମୁଣ୍ଡା, ୨୨।୭ (ଡି.ଏନ.ଏ.)-କଳାହାଣ୍ଡି ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗଛି। ଏହିକ୍ରମରେ କର୍ଲାମୁଣ୍ଡା ବ୍ଲକ୍ ବୋରପଦର ପଞ୍ଚାୟତ ଭଟାପଲାରେ ଗୁରୁବାର ଓ ଖଲିଆପାଲିରେ ଶନିବାର ବସୁଥିବା ସାପ୍ତାହିକ ହାଟକୁ ଅଗଷ୍ଟ ୧୫ ତାରିଖ ଯାଏଁ ବନ୍ଦ ରଖିବାକୁ ସରପଞ୍ଚ ମାଧବ ସାହୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଜନସାଧାରଣଙ୍କୁ ଅନୁରୋଧ କରିବା ସହ ଏକ ନୋଟିସ ଜାରି କରାଯାଇଛି। ହାଟ ଗୁଡିକରେ କୋଭିଡ୍ କଟକଣା ନିୟମକୁ ଲୋକେ ମାନୁ ନଥିବାରୁ ଏଭଳି ନିଷ୍ପତ୍ତି ନେଇଥିବା ସରପଞ୍ଚ ସାହୁ ସୂଚନା ଦେଇଛନ୍ତି।

### ଭିଡ଼ିଓ ଦେଖିବାବେଳେ ମୋବାଇଲ୍ ଫାଟିଲା

ସିନାପାଲି,୨୨।୭ (ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ସହରର ହାଇସ୍କୁଲପଡାରେ ମଙ୍ଗଳବାର ରାତିରେ ଏକ ମୋବାଇଲ୍ ଫାଟିଛି। ଯମୁନା ମେହେର ନାମ୍ନୀ ଜଣେ ଯୁବତୀ ୟୁଟ୍ୟୁବ୍‌ରେ ଭିଡ଼ିଓ ଦେଖୁଥିଲାବେଳେ ଏଭଳି ଘଟଣା ଘଟିଛି। ମୋବାଇଲ ତାତି ଯିବା ସହ ଧୂଆଁ ବାହାରିଥିଲା । ଯୁବତୀ ଜଣକ ମୋବାଇଲ୍‌କୁ ଥୋଇ ଦେଇ ଅନ୍ୟ କୋଠରୀକୁ ଚାଲି ଯାଇଥିଲେ। କିଛି ସମୟ ପରେ ହଠାତ୍ ମୋବାଇଲ୍‌ଟି ଫାଟିଯାଇଥିଲା। ଅବଶ୍ୟ ଏଥିରେ ପରିବାରର କୌଣସି ସଦସ୍ୟଙ୍କ କ୍ଷତି ହୋଇନାହିଁ।

### କୋଲକାତାରେ କରୋନା ଆକ୍ରାନ୍ତ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ରାଉରକେଲା ଅଫିସ,୨୨।୭ କରୋନା ଆକ୍ରାନ୍ତ ଜଣେ ଓଡ଼ିଆ ଯୁବକଙ୍କ କୋଲକାତାରେ ମୃତ୍ୟୁ ଘଟିଛି। ସେ ହେଲେ ଦକ୍ଷୀଣ ରାଉରକେଲା ନବକୃଷ୍ଣନଗର ବାସିନ୍ଦା ବିଜୟ ଭୋଳଙ୍କ ଏକ ମାତ୍ର ପୁଅ ଅନନ୍ତନାରାୟଣ ଭୋଳ(୩୯)। ଗତ ୧୦ ଦିନ ହେଲା ସେ ଜ୍ୱର ଓ କାଶରେ ପୀଡ଼ିତ ଥିଲେ। ମଙ୍ଗଳବାର ସକାଳୁ ତାଙ୍କୁ ସାଙ୍ଗମାନେ ଏକାଧିକ ଘରୋଇ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିବାକୁ ଚେଷ୍ଟା କରି ନିରାଶ ହୋଇଥିଲେ। ଶେଷରେ ଆର.ଏନ. ଟାଗୋର ହସ୍ପିଟାଲ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଲାବେଳେକୁ ତାଙ୍କ ପ୍ରାଣ ବାୟୁ ଉଡି ଯାଇଥିଲା। ପରୀକ୍ଷା ପରେ ସେ କରୋନା ପଜିଟିଭ ଥିଲେ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପରିବାର ଲୋକଙ୍କ ଅନୁମତି ନେଇ ପଶ୍ଚିମବଙ୍ଗ ସରକାର କୋଭିଡ୍ ନିୟମାନୁସାରେ ସେଠାରେ ତାଙ୍କ ଅନ୍ତିମ ସଂସ୍କାର କରିବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ଦେଢ଼ ବର୍ଷ ହେଲା ସେ କୋଲକାତା ନିଉ ଟାଉନର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଘରେ ଅନନ୍ତଙ୍କ ଏକ ୪ ବର୍ଷର ଶିଶୁ ରହିଛି।

### ୧୧ ସିଆରପିଏଫ୍ ଯବାନ କରୋନା ସଂକ୍ରମିତ

ନୂଆପଡା ଅଫିସ,୨୨।୭- ନୂଆପଡ଼ାସ୍ଥିତ ୨୧୬ ବାଟାଲିୟନର ୧୧ଜଣ ଯବାନ କରୋନା ସଂକ୍ରମିତ ହୋଇଛନ୍ତି। ଏମାନେ ସମସ୍ତେ ଖଡ଼ିଆଳ ରୋଡ୍ ନବଜ୍ୟୋତି ବିଦ୍ୟାଳୟ ଟିଏମସିରେ ସଙ୍ଗରୋଧରେ ଥିଲେ। ଏମାନେ ସମସ୍ତେ ଅନ୍ୟରାଜ୍ୟରୁ ଆସିଥିଲେ। ପ୍ରକାଶଯୋଗ୍ୟ, ଏମାନଙ୍କୁ ମିଶାଇ ଜିଲାରେ ବର୍ତ୍ତମାନ ସୁଦ୍ଧା ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୧ରେ ପହଞ୍ଚିଲାଣି। ଏଥିରୁ ୧୦୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ବଜ୍ରପାତରେ ଚାଷୀ ମୃତ

ନୂଆପଡା ଅଫିସ/ଖଡିଆଳ,୨୨।୭- ନୂଆପଡ଼ା ଜିଲା ଖଡିଆଳ ଥାନା ନେହନା ଗାଁର ରିଖିରାମ ବାଗ(୬୦) ନାମକ ଜଣେ ଚାଷୀଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି । ରିଖିରାମ ବୁଧବାର ଅପରାହ୍ନରେ ନିଜ କ୍ଷେତରେ ଚାଷ କରୁଥିବା ସମୟରେ ବଜ୍ରପାତ ହୋଇଥିଲା। ସନ୍ଧ୍ୟାରେ ମୃତଦେହକୁ ପୋଲିସ ଉଦ୍ଧାର କରିଛି।

# ଶଟ୍‌ଡାଉନ କଟକଣାକୁ ମାନିଲେ ଲୋକେ

ସମ୍ବଲପୁର,୨୨।୭(ବ୍ୟୁରୋ)

- ପ୍ରଥମ ଦିନ ସାରା ଜିଲା ଶୁନ୍‌ଶାନ୍
- ଆଉ ୨୦ ପଜିଟିଭ ଚିହ୍ନଟ
- ଆକ୍ରାନ୍ତଙ୍କ ସଂଖ୍ୟା ୨୦୪ରେ ପହଞ୍ଚିଲା
- ସିଲ୍ ହେଲା ବରଗାଁ ଗ୍ରାମ
- ୫ ସ୍ୱାବ୍ ସଂଗ୍ରହ କେନ୍ଦ୍ର ଖୋଲିଲା

ବୁଧବାର ଥିଲା ସମ୍ବଲପୁର ଜିଲା ୧୦ ଦିନିଆ ଶଟ୍‌ଡାଉନର ପ୍ରଥମ ଦିନ । ଏହି କଟକଣାକୁ ଜିଲାବାସୀ ମାନିଥିଲେ। ଜରୁରୀ ଆବଶ୍ୟକତା ନ ଥିଲେ କେହି ପଦାକୁ ବାହାରି ନ ଥିଲେ । କରୋନା ଭୟ ଓ ସଚେତନତା ଯୋଗୁ ଜନସାଧାରଣ ଘର ଭିତରେ ସୁରକ୍ଷିତ ରହିବାକୁ ପସନ୍ଦ କରିଥିଲେ । ସହରର ପ୍ରବେଶ ପଥ ଓ ବିଭିନ୍ନ ଛକରେ ପୋଲିସ ବ୍ୟାରିକେଡ୍ ତିଆରି କରି ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିଥିଲା । ଗଳିକନ୍ଦିରେ ବି ଲୋକମାନେ ପଦାକୁ ବାହାରି ନ ଥିଲେ । କେବଳ ସହର ଭିତର ଦେଇ ଯାଇଥିବା ଜାତୀୟ ରାଜପଥଗୁଡିକରେ ଗାଡି ଚଳାଚଳ କରୁଥିବା ଦେଖାଦେଇଥିଲା ।

ବୁଧବାର ଜିଲାରେ ପୁଣି ୨୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ପଜିଟିଭ ସଂଖ୍ୟା ୨୦୪ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୧୦୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କେବଳ ମାନେଶ୍ୱର ବ୍ଲକ ଅନ୍ତର୍ଗତ ବରଗାଁରେ ୭ଜଣ ଚିହ୍ନଟ ହୋଇଛନ୍ତି । ବରଗାଁ ଗ୍ରାମକୁ ସିଲ୍ କରି ଦିଆଯାଇଛି । ଅଗ୍ନିଶମ ବିଭାଗ ପକ୍ଷରୁ ମଧ ସାନିଟାଇଜ କରାଯାଇଛି। ସେହିପରି ଅଇଁଠାପାଲି ଅଞ୍ଚଳର ୪୦ ବର୍ଷୀୟ ପୁରୁଷ, ୫୩ ବର୍ଷୀୟ ପୁରୁଷ, ୧୫ ବର୍ଷୀୟା ଯୁବତୀ, ୧୨ ବର୍ଷୀୟ ଯୁବକ ରହିଛନ୍ତି । ସେମାନେ ହୋମ୍ କ୍ୱାରେଣ୍ଟାଇନରେ ରହିଥିଲେ । ସେହିପରି ମହାନଗର ନିଗମ ଅନ୍ତର୍ଗତ କ୍ୱାରେଣ୍ଟାଇନ ସେଣ୍ଟରରେ ରହୁଥିବା ୬୫ ବର୍ଷୀୟ ମହିଳା, ୩୧ ବର୍ଷୀୟା ମହିଳା, ୪୭ ବର୍ଷୀୟା ମହିଳା, ୨୮ ବର୍ଷୀୟ ପୁରୁଷ, ୨୮ ବର୍ଷୀୟ ଯୁବକ, ୫୯ ବର୍ଷୀୟ ପୁରୁଷ, ୩୯ ବର୍ଷୀୟ ପୁରୁଷ, ରେଢ଼ାଖୋଲ ଅଞ୍ଚଳର ୫ ବର୍ଷର ଶିଶୁଙ୍କ ସହ ୩୦ ବର୍ଷିୟା ମହିଳା ରହିଛନ୍ତି । ସମସ୍ତଙ୍କୁ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସେହିପରି ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଆଉ ୫ଟି ସ୍ୱାବ୍ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି । ଜିଲାର ପ୍ରତି ବ୍ଲକରେ ସ୍ୱାବ୍ ସଂଗ୍ରହ କେନ୍ଦ୍ର ଖୁବ୍ ଶୀଘ୍ର ଖୋଲାଯିବ ବୋଲି ଜିଲାପାଳ ଶୁଭମ ସକ୍‌ସେନା ସୂଚନା ଦେଇଛନ୍ତି ।



ସମ୍ବଲପୁର ଜିଲା ରେଢାଖୋଲ ସହର ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥ (କଟକ–ସମ୍ବଲପୁର) ସମ୍ପୂର୍ଣ୍ଣ ଫାଙ୍କା।




ସମ୍ବଲପୁରରେ ପୋଲିସ ଗାଡିମୋଟର ଯାଞ୍ଚ କରୁଛି।

# ପୁନଃ ତଦନ୍ତ ଦାବି ଜୋରଦାର

ନୂଆପଡ଼ା ଅଫିସ,୨୨।୭

- ଶିଶୁକନ୍ୟା ବଳାତ୍କାର ମାମଲା
- ନ୍ୟାୟ ଅପେକ୍ଷାରେ ପୀଡ଼ିତା

ନୂଆପଡ଼ା ଜିଲାରେ ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିଲା । ଫଳରେ ଶିଶୁଟିର ଗୁପ୍ତାଙ୍ଗରେ କ୍ଷତ ସୃଷ୍ଟି ହୋଇଥିଲା । ଘଟଣାଦିନଠାରୁ ଆଜି ପର୍ଯ୍ୟନ୍ତ ଶିଶୁଟି ଯନ୍ତ୍ରଣାରେ ଛଟପଟ ହେଉଛି । ହେଲେ ଡାକ୍ତରୀ ରିପୋର୍ଟରେ ପୀଡିତାଙ୍କ ଗୁପ୍ତାଙ୍ଗରେ କୌଣସି କ୍ଷତ ସୃଷ୍ଟି ହୋଇନାହିଁ ବୋଲି ଦର୍ଶାଯାଇଛି । ସେହି ରିପୋର୍ଟକୁ ଆଳ କରି ପୋଲିସ ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ଇତିମଧ୍ୟରେ ଉକ୍ତ ଘଟଣାକୁ ୭ ମାସ ବିତିଛି । ହେଲେ ଶିଶୁଟିର ଗୁପ୍ତାଙ୍ଗ କ୍ଷତ ଶୁଖୁନାହିଁ । ଅନ୍ୟପଟେ ଅଭିଯୁକ୍ତ ଜଣକ ଜାମିନରେ ଆସି ଗାଁରେ ବେଧଡକ ଘୂରି ବୁଲୁଛନ୍ତି । ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଲୋକେ ପୋଲିସର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ସହ ରାସ୍ତାକୁ ଓହ୍ଲାଇଛନ୍ତି । ହେଲେ ଶିଶୁକନ୍ୟାର ଗୁପ୍ତାଙ୍ଗରେ ସୃଷ୍ଟି ହୋଇଥିବା କ୍ଷତ କୌଣସି ବଳାତ୍କାର ଯୋଗୁ ହୋଇନାହିଁ ବରଂ ଅନ୍ୟ କୌଣସି କାରଣରୁ ହୋଇଥାଇ ପାରେ ବୋଲି ପୋଲିସ କହିଛି । ଅନ୍ୟପକ୍ଷେ ବଳାତ୍କାର ଦିନଠାରୁ ଆଜି ପର୍ଯ୍ୟନ୍ତ ଶିଶୁଟି ଯେଉଁ ଯନ୍ତ୍ରଣା ଭୋଗୁଛି ତାହା ମିଛ ନୁହେଁ ବୋଲି ପୀଡିତାଙ୍କ ବାପା କହିଛନ୍ତି । ଏହାର ପୁନଃ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ଜୋର ଧରିଛି ।

ସୂଚନାଯୋଗ୍ୟ, ୭ ମାସ ତଳେ ଜୋଙ୍କ ଥାନା ଅଞ୍ଚଳର ଜଣେ ୪ବର୍ଷର ଶିଶୁକନ୍ୟା ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ଜଣେ ନାବାଳକ(୧୫ ବର୍ଷ) ଚକୋଲେଟ ଦେବା ଆଳ ଦେଖାଇ ତାଙ୍କୁ ବଳାତ୍କାର କରିଥିଲେ । ପରିବାର ପକ୍ଷରୁ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଶିଶୁକୁ ବୁର୍ଲା ଭିମ୍‌ସାର ନେଇ ଡାକ୍ତରୀମାଇନା କରିଥିଲା । ହେଲେ ଡାକ୍ତର ଶିଶୁଟିର ଗୁପ୍ତାଙ୍ଗରେ କୌଣସି କ୍ଷତ ନ ଥିବା ଦର୍ଶାଇ ଛାଡି ଦେଇଥିଲେ । ଅନ୍ୟପଟେ ସମ୍ପୃକ୍ତ ନାବାଳକଙ୍କୁ ପୋଲିସ ଧରି ବାଳସୁଧାର ଗୃହକୁ ପଠାଇଥିଲା । ଏବେ ସେ ଜାମିନରେ ଘରକୁ ଆସିଛନ୍ତି । ଶିଶୁକନ୍ୟାଙ୍କ ମା'ବାପାଙ୍କ କହିବାନୁଯାୟୀ ସେଦିନଠାରୁ ଝିଅର ଯନ୍ତ୍ରଣା ଲାଗିରହିଛି । ଏବେ କରୋନା କଟକଣା ଯୋଗୁ କାମଧନ୍ଦା ନାହିଁ । ଆର୍ଥିକ ଅନଟନ କାରଣରୁ ଝିଅର ଚିକିତ୍ସା ବ୍ୟବସ୍ଥା ହୋଇପାରିନାହିଁ । ଆଜିକୁ ୩ ସପ୍ତାହ ତଳେ ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଶିଶୁ ସୁରକ୍ଷା କର୍ତ୍ତୃପକ୍ଷ ପୀଡିତାଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର କୁଆଡେ ଏହା ଇନ୍‌ଫେକ୍ସନ ଯୋଗୁ ହୋଇଛି ବୋଲି କହି ଛାଡି ଦେଇଥିଲେ । ଅନ୍ୟପକ୍ଷେ ଜିଲା ଶିଶୁକଲ୍ୟାଣ ବିଭାଗର ହସ୍ତକ୍ଷେପ ପରେ ପ୍ରଶାସନ ତରଫରୁ ଦେଢଲକ୍ଷ ଟଙ୍କାର ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଛି ।

ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଯାଦବ ସଙ୍ଗଠନ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ତରଫରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି । ଏ ସଂକ୍ରାନ୍ତରେ ତତ୍କାଳୀନ ଏସ୍‌ପି ବିନୀତ ଅଗ୍ରୱାଲ କହିଥିଲେ ବଳାତ୍କାର ଯୋଗୁ ନୁହେଁ, ଅନ୍ୟ କୌଣସି କାରଣରୁ କ୍ଷତ ସୃଷ୍ଟି ହୋଇଛି । ଏହି ଅଭିଯୋଗର ପୁନଃ ତଦନ୍ତ ପୋଲିସ କରିବ କି ବୋଲି ତାଙ୍କୁ ପ୍ରଶ୍ନ କରାଯିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ । ଏ ନେଇ ଝିଅର ବାପା କହିଛନ୍ତି, ଝିଅ ଯନ୍ତ୍ରଣାରେ ଛଟପଟ ହେଉଛି । ମୋର ଟଙ୍କା ଦରକାର ନାହିଁ । ମୋ ଝିଅ ଯନ୍ତ୍ରଣା ମୁକ୍ତ ହେବା ଦରକାର ।

## ଫଟୋରେ ଖବର



ସୁନ୍ଦରଗଡର ନୂଆ ଏସ୍‌ପି ଭାବେ ଯୋଗ ଦେଇଥିବା ସାଗରିକା ନାଥଙ୍କୁ ବୁଧବାର ଜିଲା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଭେଟି ସହରର ଟ୍ରାଫିକ ସମସ୍ୟା ଓ ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ଅନୁରୋଧ କରୁଛନ୍ତି।

## ସକାଳ ୬ରୁ ଅପରାହ୍ନ ୪ ଯାଏ ଦୋକାନ ଖୋଲା

ସୋନପୁର,୨୨।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏଥିସହିତ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ପ୍ରତ୍ୟହ ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଅପରାହ୍ନ ୪ଟାରୁ ଲକ୍‌ଡାଉନ୍ ସ୍ୱରୂପ କର୍ଫ୍ୟୁ ଲାଗିବ । ପୂର୍ବରୁ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜିଲାରେ କର୍ଫ୍ୟୁ ଲାଗୁଥିଲା । ଏହି ସମୟରେ କେବଳ ଦୁଗ୍ଧ, ଶିଶୁ ଖାଦ୍ୟ ଓ ଔଷଧ ଦୋକାନ ଖୋଲା ରହିପାରିବ। ସପ୍ତାହନ୍ତ ଶନିବାର ଓ ରବିବାର ଦିନ ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ମିଳିବ । ଏହି ସମୟରେ ପନିପରିବା, ତେଜରାତି, ଅଣ୍ଡା, ମାଛ, ମାଂସ, ଦୁଗ୍ଧ ଓ ଫଳଦୋକାନ ଖୋଲା ରହିବ ।

## ଗୋଟିଏ ପରିବାରର ୪ ସଂକ୍ରମିତ ଚିହ୍ନଟ

ସୋନପୁର/ଡୁଙ୍ଗୁରିପାଲି, ୨୨।୭(ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାରେ ବୁଧବାର ପୁଣି ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମସ୍ତେ ଡୁଙ୍ଗୁରିପାଲି ବ୍ଲକର ଗୋଟିଏ ପରିବାରର ଓ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାଯାଇଛି। ପୂର୍ବରୁ ଏହି ପରିବାରର ଜଣେ ସଦସ୍ୟଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ତାଙ୍କ ସଂସ୍ପର୍ଶରେ ଆସି ଅନ୍ୟ ୪ ଜଣ ସଂକ୍ରମିତ ହୋଇଛନ୍ତି।

ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ସାନପହଣ୍ଡି ଗାଁର ଜଣେ ୨୬ ବର୍ଷୀୟ ଯୁବକଙ୍କ ସ୍ୱାବ୍ ରିପୋର୍ଟ ମଙ୍ଗଳବାର ପଜିଟିଭ୍ ଆସିଥିଲା । ଗତ ୧୩ ତାରିଖରେ ତାଙ୍କର ସ୍ୱାବ୍ ସଂଗ୍ରହ ହୋଇଥିଲା। କିନ୍ତୁ ବିଳମ୍ବରେ ରିପୋର୍ଟ ଆସିବାରୁ ଯୁବକ ନିଜେ ସଂକ୍ରମିତ କି ନୁହେଁ ଜାଣି ପାରି ନ ଥିଲେ। ସେ ପରିବାର ଲୋକଙ୍କ ସହ ମିଶିଥିଲେ। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇ ରିସ୍କ କଣ୍ଟାକ୍ଟରେ ଆସିଥିବା ପରିବାର ଲୋକଙ୍କର ବୁଧବାର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ହୋଇଥିଲା । ସଂକ୍ରମିତ ଯୁବକଙ୍କ ମାଆ (୫୫), ବାପା(୫୮), ଜେଜେମା(୭୬) ଓ ଜେଜେବାପା(୮୫)ଙ୍କ ରିପୋର୍ଟ ପଜିଟିଭ୍ ଆସିଛି । ସମସ୍ତଙ୍କୁ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡା କହିଛନ୍ତି। ଏହି ଗାଁକୁ ଜିଲାପାଳ ମଙ୍ଗଳବାର ଠାରୁ ୧୦ ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି । ସେହିପରି ମାଣିକେଶ୍ୱରୀ ପ୍ଲଟରେ କ୍ଷୀର ଦେଉଥିବା ଜଣେ ନାବାଳକଙ୍କ ରିପୋର୍ଟ ମଙ୍ଗଳବାର ପଜିଟିଭ୍ ଆସିବା ପରେ ସହରବାସୀ ଆତଙ୍କିତ ହୋଇ ପଡିଥିଲେ । ବୁଧବାର ସଂକ୍ରମିତ ନାବାଳକଙ୍କ ହାଇ ରିସ୍କ କଣ୍ଟାକ୍ଟରେ ଆସିଥିବା ପରିବାର ବର୍ଗଙ୍କ ସମେତ ୯ ଜଣଙ୍କ ରାପିଡ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା । ସେମାନଙ୍କ ରିପୋର୍ଟ ନେଗେଟିଭ୍ ଆସିଛି । ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୬ରେ ପହଞ୍ଚିଛି ।

ପ୍ରକାଶଥାଉ କି , ସାନପହଣ୍ଡି ଗାଁର ପରିବାର ସଂଖ୍ୟା ୬୫ ଥିବା ବେଳେ ୩୫୦ ଜଣ ରହୁଛନ୍ତି । ବୁଧବାର ରାମପୁର ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସୁନାପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସା, ସରପଞ୍ଚଙ୍କ ସ୍ୱାମୀ ମନୋରଞ୍ଜନ ପଧାନ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ସାନପହଣ୍ଡି ଗ୍ରାମରେ ପହଞ୍ଚି ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ସର୍ଭେଲେନସ ଆରମ୍ଭ କରିଥିବା ପ୍ରକାଶ କରିଥିଲେ । ଉକ୍ତ କଣ୍ଟେନମେଣ୍ଟ ଜୋନକୁ ପୋଲିସ ଜଗି ରହିଛନ୍ତି । ଡୁଙ୍ଗୁରିପାଲି ବ୍ଲକରେ ଗୋଟିଏ ମାସରେ ୧୦ ଜଣ କରୋନା ପଜିଟିଭ ବାହାରିବା ପ୍ରଶାସନର ଚିନ୍ତା ବଢାଇଛି ।

## ୨୯୭ରେ ପହଞ୍ଚିଲା କରୋନା ସଂକ୍ରମଣ

ବଲାଙ୍ଗୀର ଅଫିସ, ୨୨।୭

୬ ଜଣ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ବଲାଙ୍ଗୀର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୯୭ରେ ପହଞ୍ଚିଛି। ବଲାଙ୍ଗୀର ମ୍ୟୁନିସିପାଲିଟିର ବ୍ରାହ୍ମଣପଡାରେ ଜଣେ ୫୨ ବର୍ଷୟ ବ୍ୟକ୍ତି, ବେହେରାପାଲିରେ ଜଣେ ୨୨ ବର୍ଷିୟ ଯୁବକ ଓ ସୁଦପଡାରେ ଜଣେ ୩୦ ବର୍ଷିୟ ଯୁବକ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହି ତିନିଜଣ ଯାକ ସ୍ଥାନୀୟ ସଂକ୍ରମିତ ବୋଲି କୁହାଯାଇଛି । ଏହା ସହିତ ଆଗଲପୁର ବ୍ଲକ୍ ଡୁଡୁକାର ଜଣେ ୨୫ ବର୍ଷିୟ ତାମିଲନାଡୁ ଫେରନ୍ତା ଯୁବକ, ବେଲପଡା ବ୍ଲକ୍ ନୁନହାଡର ଜଣେ ୯ ବର୍ଷିୟା ମୁମ୍ବାଇ ଫେରନ୍ତା ବାଳିକା ଓ ବଙ୍ଗୋମୁଣ୍ଡା ବ୍ଲକ୍ ବିରିପାଲି ଗ୍ରାମର ଜଣେ ମୁମ୍ବାଇ ଫେରନ୍ତା ୪୮ ବର୍ଷୟ ବ୍ୟକ୍ତିଙ୍କୁ ସଂକ୍ରମିତ ଚିହ୍ନଟ କରାଯାଇଛି । ଏହି ତିନିଜଣ ପ୍ରବାସୀ ସଂକ୍ରମିତ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ଥିଲେ । ସମସ୍ତ ୬ ଜଣ ଯାକ ସଂକ୍ରମିତଙ୍କୁ କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ସଂକ୍ରମିତ ୨୯୭ ମଧ୍ୟରୁ ୪୧ ଜଣ ସକ୍ରିୟ ରହିଥିବାବେଳେ ବାକି ୨୫୬ ଜଣ ସୁସ୍ଥ ହୋଇସାରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ରେଢାଖୋଲରୁ ପୁଣି ୩ କରୋନା ସଂକ୍ରମିତ ଚିହ୍ନଟ

ରେଢାଖୋଲ,୨୨।୭(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ସହରରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ସହରର ୨ଜଣ ଏନ୍‌ଏସି କର୍ମଚାରୀ ଓ ତ୍ରିବଣପୁର ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ଯୁବକଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି। ତ୍ରିବଣପୁର ସଙ୍ଗରୋଧ କେନ୍ଦ୍ରରେ ଥିବା ଯୁବକ ଜଣକ ଡାମନରୁ ଫେରିଥିଲେ। ବୁଧବାର ଏନଏସିର ୧୫ ଜଣ କର୍ମଚାରୀଙ୍କ ରାପିଡ ଆଣ୍ଟିଜେନ ଟେଷ୍ଟ କରଯିବାରୁ ୨ ଜଣ କର୍ମଚାରୀ ପଜିଟିଭ ଥିବା ଜଣାପଡିଥିଲା। ଆଉ ୪ ଜଣ କର୍ମଚାରୀଙ୍କୁ ସନ୍ଦେହରେ ହୋମ କ୍ୱାରାଣ୍ଟାଇନରେ ରଖାଯାଇଛି। ଗତ କିଛିଦିନ ତଳେ ଜଣେ କର୍ମଚାରୀଙ୍କ ପଜିଟିଭ ବାହାରିଥିବା ବେଳେ ତାଙ୍କ ଗୃହ ପ୍ରତିଷ୍ଠା ଉତ୍ସବକୁ ଏନ୍‌ଏସିର କିଛି କର୍ମଚାରୀ ଭୋଜି ଖାଇବାକୁ ଯାଇଥିବାରୁ କର୍ମଚାରୀଙ୍କ ସ୍ୱାବ ଟେଷ୍ଟ କରାଯାଇଛି। ତେବେ ପଜିଟିଭ ବାହାରୁଥିବା ବ୍ୟକ୍ତିଙ୍କ ସହିତ ମିଳାମିଶା କରିଥିବା ଲୋକଙ୍କୁ ପ୍ରଶାସନ ଠିକ୍ ଭାବେ ଚିହ୍ନଟ କରୁ ନ ଥିବା ଯୋଗୁ ଲୋକଙ୍କ ମଧରେ ଭୟର ବାତାବରଣ ଦେଖାଦେଇଛି। ଅପରପକ୍ଷରେ ଜିଲାପାଳ ଶୁଭମ୍ ସକସେନା ସମଗ୍ର ସମ୍ବଲପୁର ଜିଲାକୁ ଶଟଡାଉନ କରିଥିବା ଯୋଗୁ ବୁଧବାର ରେଢାଖୋଲ ସହରର ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିଲା । ସହରର ବିଭିନ୍ନ ଛକରେ ମୁତୟନ ହୋଇଥିବା ପୋଲିସ କଡାକଡି ଚେକିଂ କରିଥିଲେ। ଅନ୍ୟପକ୍ଷେ ପ୍ରସାସନ ପକ୍ଷରୁ କୌଣସି ସୂଚନା ଦିଆ ନ ଯାଇ ଗତ ୨ଦିନ ହେବ ସହରର ୩ଟି ୱାର୍ଡର କେତେକ ଅଞ୍ଚଳକୁ କଣ୍ଟେନମେଣ୍ଟ ଓ ବଫର ଜୋନ ଘୋଷଣା କରାଯାଇଛି। ଏଣୁ ଶଟଡାଉନ ଘୋଷଣା ଯୋଗୁ ସେହି ୱାର୍ଡବାସୀ ଅତ୍ୟାବଶକ ଜିନିଷ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ଆବାସ ଯୋଜନା ସ୍ୱପ୍ନ, ଝୁମ୍ପୁଡ଼ିରେ ବିତୁଛି ଜୀବନ

କେସିଙ୍ଗା, ୨୨।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପୌରାଞ୍ଚଳ ୩ ନମ୍ବର ୱାର୍ଡ ଅମ୍ବାଜୀ ମନ୍ଦିର ନିକଟରେ ଏକ ଝୁମ୍ପୁଡିରେ ରହନ୍ତି ଏତ୍ ବାରିକ (୭୮) ଓ ରଶ୍ମିବାଇ ବାରିକ (୬୮)। ଦୀର୍ଘ ୨୦ବର୍ଷ ହେଲା ଏମିତି ଦୁଃସ୍ଥିତିରେ ରହୁଥିବା ଏହି ଦମ୍ପତିଙ୍କ ପାଇଁ ଆବାସ ଯୋଜନା ଯେମିତି ସ୍ୱପ୍ନ ହୋଇରହିଛି। ଝିଅ ବାହାଘର ପରେ ସେମାନଙ୍କ ଆର୍ଥିକ ଅବସ୍ଥା ସଙ୍ଗିନ ହୋଇଯାଇଛି। ଝୁମ୍ପୁଡିକୁ ବି ସେମାନେ ମରାମତି ବି କରି ପାରୁନାହାନ୍ତି। ବର୍ଷା ପାଣି ପାଲଟଣା ଝୁମ୍ପୁଡିରେ ପଶିଯାଉଛି। ଅନ୍ଧାରରେ ସାରା ଜୀବନ କଟୁଛି। ଅପରପକ୍ଷରେ ବାର୍ଦ୍ଧକ୍ୟ ଯୋଗୁ ସେମାନେ କୌଣସି କାମଧନ୍ଦା କରିପାରୁ ନାହାନ୍ତି। ସହରରେ ଭିକ୍ଷା କରି ଯାହିତାଇ ଜୀବନ ଜିଉଛନ୍ତି। ଏନ୍‌ଏସି ପକ୍ଷରୁ ତାଙ୍କୁ ରାଶନ କାର୍ଡ, ଆଧାର କାର୍ଡ ପ୍ରଦାନ କରାଯାଇଛି। ରାଶନ କାର୍ଡରେ ବୃଦ୍ଧ ଦମ୍ପତିଙ୍କୁ ମିଳୁଛି ମାସିକ ୧୦ କେଜି ଚାଉଳ। ପରିଣତ ବୟସରେ ପହଞ୍ଚି ଥିଲେ ବି ଉଭୟଙ୍କୁ ଏ ଯାଏ ମିଳିନି ବାର୍ଦ୍ଧକ୍ୟ ଭତ୍ତା। ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବା ଲାଗି ଏନ୍‌ଏସି କାର୍ଯ୍ୟାଳୟକୁ ଦୌଡି ସେମାନେ ନିରାଶ ହୋଇଛନ୍ତି। ଏନ୍‌ଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ପଚାରିବାରୁ ଏ ନେଇ ମୋ ପାଖରେ କୌଣସି ଖବର ନାହିଁ। ସୋମବାର ଘଟଣାସ୍ଥଳକୁ ଯାଇ ତଦନ୍ତ କଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ଝୁମ୍ପୁଡ଼ିରେ ସ୍ତ୍ରୀ ରଶ୍ମିବାଇଙ୍କ ସହ ଏତ୍ ବାରିକ।

